**ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜନ ସଚେତନତା**

ଧର୍ମଶାଳା, (ଡି.ଏନ.ଏ.): ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କରୋନା ଓ ଅଣସଂକ୍ରାମକ ରୋଗରୁ ରକ୍ଷା ପାଇବା ପାଇଁ ଧର୍ମଶାଳା ସାପ୍ତାହିକ ହାଟରେ ଅଡିଓ ଭିଜୁଆଲ୍ ଶୋ' ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଧାର ସାହୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସବିତା ମହାନ୍ତି ଓ ବିପିଏମ୍ ବିଜୟ ବେହେରା ଯୋଗଦେଇ ବ୍ଲକରେ ଥିବା ୩୨ ଉପକେନ୍ଦ୍ର ଅଞ୍ଚଳରେ ଥିବା ହାଟମାନଙ୍କରେ ଜନସଚେତନତା ସୃଷ୍ଟି କରାଯିବ ବୋଲି କହିଥିଲେ।

# ସଂକ୍ଷେପରେ

## ମହିଳାଙ୍କ ଆତ୍ମହତ୍ୟା

**ଧର୍ମଶାଳା/ଜେନାପୁର,୯।୧(ଡି.ଏନ.ଏ.):** ଜେନାପୁର ଥାନା ଅଞ୍ଚିର ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମରେ ଜଣେ ମହିଳା ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ହେଲେ ଗ୍ରାମର ବାରେଣୀ ସ୍ୱାଇଁଙ୍କ ସ୍ତ୍ରୀ ସେବତୀ(୪୫)। ପାରିବାରିକ କଳହ ଯୋଗୁ ସେ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ଏସମ୍ପର୍କରେ ଅଭିଯୋଗ ହେବାପରେ ଜେନାପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ଲାଗି ଦାନଗଦି ମେଡିକାଲକୁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧।୨୧) ରୁଜୁ ହୋଇଛି।

## ଅଗ୍ନି ବିପନ୍ନ ପରିବାରକୁ ଭେଟିଲେ ବିଧାୟକ

**ରାଜନଗର,୯।୧(ଡି.ଏନ.ଏ.):** ରାଜନଗର ବ୍ଲକ ରାଜପୁର ପଞ୍ଚାୟତ ଅଧୀନ ଚନ୍ଦନପୁର ଗାଁର ଅନନ୍ତ ମଳିକଙ୍କ ୨ ବଖରା ଘର ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ସେହି ଅଗ୍ନି ବିପନ୍ନ ପରିବାରକୁ ଶନିବାର ରାଜନଗର ବିଧାୟକ ଧ୍ରୁବ ସାହୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରଶାସନିକ ଅଧିକାରୀଙ୍କ ସହିତ ବିଧାୟକ ସାହୁ ଆଲୋଚନା କରିଛନ୍ତି। ବିଧାୟକଙ୍କ ସହିତ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ଉପସଭାପତି ଅରୁଣ କୁମାର ସାହୁ ରାଜପୁର ସରପଞ୍ଚ ନିମାଇଁ ଚରଣ ରାଉତ ଉପସ୍ଥିତ ଥିଲେ।

## ଚୁକ୍ତି ରଦ୍ଦ ସତ୍ତ୍ୱେ ଚାଲିଛି ପୋଲବାଡ଼ ନିର୍ମାଣ



**ନାଉଗାଁ,୯।୧(ସ୍ୱ.ପ୍ର.):** ଚୁକ୍ତି ରଦ୍ଦ ସତ୍ତ୍ୱେ ଠିକାଦାର ପୋଲବାଡ଼ ନିର୍ମାଣ କରୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ନାଉଗାଁ ବ୍ଲକରେ। ମାତ୍ର ନିମ୍ନମାନର କାମ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନାଉଗାଁ ବଜାରରୁ ରୋହିଆକୁ ସଂଯୋଗ କରିବା ପାଇଁ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ କରାଯାଇଛି। ଏହି ରାସ୍ତାର ଅବଦଲପୁର ନିକଟରେ ଗୋବରୀ ନଦୀ ଥିବାରୁ ବିଭାଗ ପକ୍ଷରୁ ପୋଲ ନିର୍ମାଣ କରାଯାଇଛି। ତେବେ ପୋଲର ବାଡ଼ଗୁଡ଼ିକ ଭାଙ୍ଗିରୁଜି ଯାଇଥିଲା। ଏନେଇ ପୋଲରେ ନୂତନ ବାଡ଼ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ଅର୍ଥ ବ୍ୟୟ ବରାଦ କରାଯାଇ ଜଣେ ଠିକାଦାରଙ୍କୁ କାମ ଦିଆଯାଇଥିଲା। ମାତ୍ର ସମ୍ପୃକ୍ତ ଠିକାଦାର ଅବଧି ସମୟ ମଧରେ କାମ କରି ନଥିଲା। ଏନେଇ ଠିକାଦାର ସହ ଚୁକ୍ତି ରଦ୍ଦ କରି ଦିଆଯାଇଥିଲା। ଏହାସତ୍ତ୍ୱେ ପୋଲରେ ନିର୍ମାଣ କାର୍ଯ୍ୟ ଜାରି ରହିଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ମାଣାଧୀନ ସ୍ଥାନରେ କୌଣସି ସୂଚନାଫଳକ ଲାଗି ନଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ନିମ୍ନମାନର ବାଡ କାର୍ଯ୍ୟ ଚାଲିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରଞ୍ଜନ ମିଶ୍ର କହିଛନ୍ତି, ସମ୍ପୃକ୍ତ ଠିକାଦାର ସହ ଚୁକ୍ତି ରଦ୍ଦ କରିଦିଆଯାଇଛି। ଏବେ କାର୍ଯ୍ୟ କରିବା ପାଇଁ କାହାକୁ ନିର୍ଦ୍ଦେଶ ଦିଆଯାଇନାହିଁ। ସମ୍ପୃକ୍ତ ଠିକାଦାର ମନମୁଖିଭାବେ କାର୍ଯ୍ୟ କରୁଥିଲେ ତା'ର ବିଲ୍ ଦିଆଯିବ ନାହିଁ।

# ଅଶାନ୍ତ ହେଉଛି ଉପାନ୍ତ ଅଞ୍ଚଳ

**କେନ୍ଦ୍ରାପଡ଼ା ଅଫିସ, ୯।୧**

- ବାଂଲାଦେଶରୁ ଆସୁଛି ନିଷିଦ୍ଧ ନିଶାଦ୍ରବ୍ୟ
- ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିଛି
- ଭିତରକନିକା ଦେଇ ଚାଲିଛି କୋଇଲା ଚାଲାଣ

୨୦୨୦ ମାର୍ଚ୍ଚରୁ ରାଜ୍ୟରେ କରୋନା କଟକଣା ଲାଗୁ ହୋଇଥିଲା । ସେହିଦିନଠାରୁ ଅଦ୍ୟାବଧି କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳ ଅଶାନ୍ତ ହୋଇପଡିଛି । ଗତ ୧୦ ମାସ ମଧ୍ୟରେ ଜଙ୍ଗଲ ଜମି ଜବରଦଖଲ ସହିତ ଚିଙ୍ଗୁଡି ଘେରି ବୃଦ୍ଧି ହୋଇଛି । ମହାକାଳପଡା, ରାଜନଗର ବ୍ଲକ ଅଞ୍ଚଳରେ ଅନୁପ୍ରବେଶ ବଢ଼ିଛି। ନିଶା କାରବାର, ଚୋରା କୋଇଲା ଚାଲାଣ, ନିଷିଦ୍ଧ ସମୟରେ ସାମୁଦ୍ରିକ ଅଞ୍ଚଳକୁ ବେଆଇନ ପ୍ରବେଶ ଓ ବନ୍ୟଜନ୍ତୁ ଶିକାର ଆଦି ବୃଦ୍ଧି ପାଇଛି। ଏନେଇ ଜିଲା ପ୍ରଶାସନ, ବନ ବିଭାଗ ଓ ଜିଲା ପୋଲିସର କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ସମସ୍ୟାର ସମାଧାନ ହେଉନାହିଁ। ଏପରି ସ୍ଥିତି ଆଗକୁ ରହିଲେ ଜାତୀୟ ଉଦ୍ୟାନ ଶ୍ରୀହୀନ ହେବା ସହିତ ଜିଲାର ମୂଳବାସିନ୍ଦାଙ୍କ ପ୍ରତି ବିପଦ ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ କହିଛନ୍ତି, ମହାକାଳପଡା ବ୍ଲକ ଅଞ୍ଚଳରେ ଗତ ୨ ଦିନ ଧରି ରାସ୍ତା ଜବରଦଖଲକୁ କେନ୍ଦ୍ର କରି ରାସ୍ତାରୋକୋ ହୋଇଥିଲା। ସେହିପରି ଗତ ୧୦ ମାସରେ ଭିତରକନିକା ଜାତୀୟ ଉଦ୍ୟାନରେ ବେଆଇନ ନିଶା କାରବାର ବୃଦ୍ଧି ପାଇଛି। ସମୁଦ୍ର ପଥ ଦେଇ ନିଷିଦ୍ଧ ନିଶାଦ୍ରବ୍ୟ ବାଂଲାଦେଶରୁ ଆସୁଥିଲେ ମଧ୍ୟ ସେହି କାରବାରକୁ ରୋକା ଯାଇପାରିନାହିଁ । ଏଥିରେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନାହିଁ। ଏନେଇ ବନ ବିଭାଗ, ସାମୁଦ୍ରିକ ପୋଲିସ ଓ ଜିଲା ଅବକାରୀ ବିଭାଗକୁ ସୂଚନା ଦିଆଯାଉଥିଲେ ମଧ୍ୟ ପ୍ରତିକାର କରାଯାଇନାହିଁ। ଭିତରକନିକା ମଧ୍ୟ ଦେଇ ଚାଲିଥିବା ଚୋରା କୋଇଲା ଚାଲାଣ ୨ ଥର ଧରାପଡିଛି । କରୋନା ସଂକ୍ରମଣ କାଳରେ ପୋଲିସ ଏହି ବେଆଇନ କାରବାରକୁ ରୋକି ପାରିନାହିଁ। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ଗତ ନଭେମ୍ବରରୁ ଗହୀରମଥା ସାମୁଦ୍ରିକ ଅଞ୍ଚଳକୁ ପ୍ରବେଶ ନିଷେଧ ହୋଇଛି। ତଥାପି ଏହି ୨ ମାସ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଟ୍ରଲର, ବୋଟ୍ ଓ ଦେଶୀଡଙ୍ଗା ଜବତ କରାଯାଇଛି । ଶତାଧିକ ବ୍ୟକ୍ତିଙ୍କୁ ବନବିଭାଗ ଗିରଫ କରିଛି । ସେହିପରି ନିଷିଦ୍ଧାଞ୍ଚଳରୁ ବନ୍ୟଜନ୍ତୁଙ୍କ ଶିକାର ବଢ଼ି ଚାଲିଛି । ନିକଟରେ ହରିଣ ମାଂସ ଓ ଛାଲ ଜବତ ହୋଇଛି । ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବାର୍‌ହାଠାରୁ ଆରମ୍ଭ କରି ବନ୍ୟଜନ୍ତୁଙ୍କ ଶିକାର ଅଭିଯୋଗରେ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ଦେଖିଲେ ଉପାନ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିରେ ଅବନତି ଘଟିଛି ବୋଲି ସେ ମତ ଦେଇଛନ୍ତି ।

ପରିବେଶବିତ୍ ସେକ୍ ଚାନ୍ଦ କୁହନ୍ତି, ମହାକାଳପଡା, ରାଜନଗର, ଆଳି ଓ ରାଜକନିକା ବ୍ଲକ ଅଞ୍ଚଳରେ ଏବେ ଚିଙ୍ଗୁଡି ଘେରି ସଂଖ୍ୟା ବଢ଼ିଛି। ପୂର୍ବରୁ ୬ ହଜାର ଏକର ଜମିରେ ଘେରି ରହିଥିବା ଜିଲା ପ୍ରଶାସନ ଦର୍ଶାଇଥିଲା। ତେବେ କରୋନା କଟକଣା ସମୟରେ ଏନେଇ କୌଣସି ତଦାରଖ ନ ହେବାରୁ ୨୦ ହଜାର ହେକ୍ଟର ଜମିରେ ଏହି ଚାଷ ହେଉଛି। ଚିନ୍ତାଜନକ କଥା ଏହି ଯେ, ଜଙ୍ଗଲ ଜମି ଏଥିରୁ ବାଦ ପଡୁନାହିଁ। ଖରିଫ କ୍ଷେତରେ ଲୁଣା ପାଣି ପଶୁଥିବାରୁ ଚାଷୀ ବାରମ୍ବାର ଅଭିଯୋଗ କରୁଛି । ସେଥିପାଇଁ ଗଣ୍ଡଗୋଳ ବଢୁଛି। କରୋନା କଟକଣା ସମୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଅହେତୁକ ଭାବେ ଉପାନ୍ତ ଅଞ୍ଚଳରେ ବୃଦ୍ଧି ପାଇଛି । ଜିଲା ପ୍ରଶାସନ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଆଗାମୀ ଦିନରେ ଜିଲା ଓ ଦେଶ ପାଇଁ ବିପଦ ସୃଷ୍ଟି କରିବ ବୋଲି ଦର୍ଶାଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ବୁଦ୍ଧିଜୀବୀ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ଉପାନ୍ତ ଅଞ୍ଚଳରେ ଅଶାନ୍ତ ପରିବେଶ ପାଇଁ ଭୋଟ ବ୍ୟାଙ୍କ ଦାୟୀ । ପୂର୍ବ ପାକିସ୍ତାନ ଭଙ୍ଗ ସମୟରେ ଜିଲାରେ ମାତ୍ର ୧୨୩୭ ଜଣ ଶରଣାର୍ଥୀଙ୍କୁ ଥଇଥାନ କରାଯାଇଥିଲା । ୨୦୧୧ ଜନଗଣନା ଅନୁଯାୟୀ ବାଂଲାଦେଶୀଙ୍କ ସଂଖ୍ୟା ୭୬ ହଜାରରୁ ଅଧିକ ହୋଇଛି। ଏମାନଙ୍କ ପ୍ରକୃତ ପରିଚୟ ଯାଞ୍ଚ ହେଲେ ଅନୁପ୍ରବେଶ ରୋକିବା ସହିତ ସ୍ଥାନୀୟ ଅଶାନ୍ତ ପରିବେଶରେ ସୁଧାର ଆସିବ ବୋଲି ସେ ମତ ଦେଇଛନ୍ତି ।

ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ଚିଙ୍ଗୁଡି ଘେରି ଉଚ୍ଛେଦ କରାଯାଉଛି । ସେହିପରି ୩ଟି ସାମୁଦ୍ରିକ ଥାନା ସହିତ ବନବିଭାଗ ଜିଲାକୁ ଅନୁପ୍ରବେଶ ରୋକିବା ଦିଗରେ ସତର୍କ ଅଛନ୍ତି।

# ଅବହେଳିତ ଅବସ୍ଥାରେ ହୋମିଓପାଥି ଡିସ୍‌ପେନ୍‌ସାରି



**ବିରିଡି,୯।୧(ଡି.ଏନ୍.ଏ.)**

ବିରିଡି ବ୍ଲକ ମଙ୍ଗୁଳି ପଞ୍ଚାୟତ ଅନ୍ତର୍ଗତ ପାର୍ବତୀପୁରସ୍ଥିତ ହୋମିଓପାଥିକ ଡିସ୍‌ପେନ୍‌ସାରି ଅବହେଳିତ ଅବସ୍ଥାରେ ରହିଛି । ଏହାର ପାରିପାର୍ଶ୍ୱିକ ଅବସ୍ଥା ଅସ୍ୱଚ୍ଛ ଥିବାରୁ ରୋଗୀମାନେ ଆସିବାକୁ ଇଚ୍ଛା କରୁନାହାନ୍ତି। ଏଠାରେ ଜଣେ ଡାକ୍ତର ଥିବାବେଳେ ସହାୟକ ପଦବୀ ଖାଲିପଡ଼ିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶଯେ, ଡିସ୍‌ପେନ୍‌ସାରି କୋଠା ପଛପଟେ ଏକ ବଡ଼ ଖାଇ ରହିଛି। ସେଠାରେ ବର୍ଷାଦିନେ ପାଣି ଜମିବା ଯୋଗୁ ମଶାମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଫଳରେ କୋଠରିରେ ବସି ରୋଗୀ ଦେଖିବା କଷ୍ଟକର ହୋଇପଡୁଛି । ଏହାବ୍ୟତୀତ କୋଠରି ପଛପଟେ ଲୋକ ମଳତ୍ୟାଗ କରୁଥିବାରୁ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ପଛପଟ ପାଚେରି ନ ଥିବାରୁ ଲୋକେ ସେହି ପଟେ ପଶି ମଳତ୍ୟାଗ କରୁଛନ୍ତି । ଡିସ୍‌ପେନ୍‌ସାରିରେ ପାନୀୟ ଜଳର ମଧ ଅଭାବ ରହିଛି। ଏସବୁ ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି। ଏହି ସମସ୍ତ କାର୍ଯ୍ୟ ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନରେ କରାଯାଇପାରିବ ବୋଲି ବିରିଡି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏ ସମ୍ପର୍କରେ ଡାକ୍ତର ଦେବାଶିଷ ରାୟ କୁହନ୍ତି, ସେ କିଛି ଦିନ ହେବ କାର୍ଯ୍ୟରେ ଯୋଗଦେଇଛନ୍ତି। ଡିସ୍‌ପେନ୍‌ସାରି ସମସ୍ୟା ସମ୍ପର୍କରେ ଅବଗତ ହେବାପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ମଙ୍ଗୁଳି ସରପଞ୍ଚ ତୃପ୍ତିମଞ୍ଜରୀ ପରିଜା କହିଛନ୍ତି, ବାର୍ଷିକ ଯୋଜନାରେ ଡିସ୍‌ପେନ୍‌ସାରିର କାର୍ଯ୍ୟଗୁଡ଼ିକୁ ସାମିଲ କରାଯାଇ ସମସ୍ୟା ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ।

# ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ

**ଚଣ୍ଡିଖୋଲ,୯।୧(ଡି.ଏନ.ଏ.)**



ସରକାର ଦୁର୍ଘଟଣା କମାଇବା ପାଇଁ ଦିନକୁ ଦିନ ଆଇନ କଡ଼ାକଡ଼ି କରୁଛନ୍ତି। ମାତ୍ର ସଚେତନତା ଅଭାବରୁ ଲୋକେ ଆଇନକୁ ମାନୁନାହାନ୍ତି। ପରିବହନ ବିଭାଗ ଓ ପୋଲିସ ବାଇକ୍ ଆରୋହୀଙ୍କ ଉପରେ ନଜର ରଖିଥିଲା ବେଳେ ବେଆଇନ ପରିବହନ ଉପରେ ଆଦୌ ନଜର ଦେଉ ନ ଥିବା ଅଭିଯୋଗ ହେଉଛି। ଯଦ୍ଦ୍ୱାରା ମାଲବାହୀ ଗାଡ଼ିଗୁଡ଼ିକ ଯାତ୍ରୀ ପରିବହନରେ ଲାଗି ପଡୁଛନ୍ତି। କେତେକ କମ୍ପାନୀ ଓ ଠିକାଦାର ଶ୍ରମିକଙ୍କୁ ମାଲବାହୀ ଗାଡ଼ିରେ ପରିବହନ କରୁଥିବା ଦେଖିବାକୁ ମିଳିଛି। ଚଣ୍ଡିଖୋଲ-ପାରାଦୀପ ଓ ଚଣ୍ଡିଖୋଲ-ଦୁବୁରୀ ଜାତୀୟ ରାଜପଥ ଉପରେ ଏହି ବେଆଇନ ପରିବହନ ଚାଲିଥିଲେ ମଧ ବିଭାଗ ନିରବଦ୍ରଷ୍ଟା ସାଜିଛି। ଟ୍ରାକ୍ଟର, ପିକ୍ ଅପ୍ ଭ୍ୟାନ, ଟାଟାଏସିଇ ଓ ଟ୍ରକ୍‌ରେ ଲୋକଙ୍କୁ ବୁହାଯାଉଛି। ଯାହାକି ସମ୍ପୂର୍ଣ୍ଣ ବେଆଇନ। ଯଦି କେତେବେଳେ ଦୁର୍ଘଟଣା ଘଟେ ତେବେ ଗାଡ଼ିରେ ଯାଉଥିବା ଶ୍ରମିକଙ୍କ ଜୀବନ କ'ଣ ହେବ ତାହା କହି ହେବ ନାହିଁ। ତେବେ ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ କଲେ ୨୫ ହଜାର ଟଙ୍କାର ଜରିମାନା ଥିଲାବେଳେ ଏହାକୁ ବେଖାତିର କରି ବଡ଼ବଡ଼ ଠିକାଦାର ଶ୍ରମିକଙ୍କୁ ବିଭିନ୍ନ ସ୍ଥାନକୁ ଜାତୀୟ ରାଜପଥ ଦେଇ ପରିବହନ କରୁଛନ୍ତି। ତେଣୁ ଲୋକଙ୍କ ଧନଜୀବନ ସୁରକ୍ଷା ପାଇଁ ମାଲ ପରିବହନ ଗାଡ଼ିରେ ଯାତ୍ରୀ ପରିବହନ ବନ୍ଦ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସମ୍ପର୍କରେ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ କହିଛନ୍ତି, ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଯଦି କେହି ମାଲ ପରିବହନ ଗାଡ଼ିରେ ଯାତ୍ରୀ ପରିବହନ କରୁଥିବା ଧରାପଡ଼ନ୍ତି ସେମାନଙ୍କ ଗାଡ଼ି ଜବତ କରାଯିବା ସହ ଚାଳକଙ୍କୁ ଗିରଫ କରାଯିବ।

## ଦିବ୍ୟାଙ୍ଗଙ୍କ ପ୍ରତିଭା ବିକାଶ କରିବାକୁ ପ୍ରୟାସ

**ରସୁଲପୁର,୯।୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅର୍ଥଗାଁ ପଞ୍ଚାୟତ ନୁଣ୍ଡପୁର ଗ୍ରାମରେ ଥିବା ବାବା ଲୋକନାଥେଶ୍ୱର ପୀଠରେ ମାସୁମ ଗ୍ରୁପ ପକ୍ଷରୁ ଦିବ୍ୟାଙ୍ଗ, ଅବହେଳିତ ଶିଶୁ ଓ ମହିଳାଙ୍କୁ ଆତ୍ମ ନିର୍ଭରଶୀଳ କରିବା ସହ ସେମାନଙ୍କ ଲୁକ୍କାୟିତ ପ୍ରତିଭା ବିକାଶ କରିବା ଦିଗରେ ପ୍ରୟାସ କରାଯାଇଛି। ନୂଆବର୍ଷ ଅବସରରେ ସଂଗଠନ ପକ୍ଷରୁ ଅନୁଷ୍ଠିତ ହମହୋଙ୍ଗେ କାମୟାବ ନାମକ କାର୍ଯ୍ୟକ୍ରମ ମଞ୍ଚରେ ଦିବ୍ୟାଙ୍ଗ ପ୍ରତିଭା ସେମାନଙ୍କ କାଳକୃତି ପ୍ରଦର୍ଶନ କରିଥିଲେ। ଏହାଛଡା ସଂଗଠନ ପକ୍ଷରୁ ଲୋକନାଥଶ୍ୱରଙ୍କ ପୀଠ ସଫେଇ ସହ ଅନ୍ୟ କାର୍ଯ୍ୟ କରାଯାଇଥିଲା। ଗ୍ରୁପ୍ ଅଧ୍ୟକ୍ଷ ମଣ୍ଟୁ ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଯୁବନେତା ପ୍ରଦୀପ ଦାସ, ସମ୍ମାନିତ ଅତିଥି ଖବରଦାତା ଆଦିତ୍ୟ ମେକାପ, ରଞ୍ଜିତ ରାଉତ, ମଙ୍ଗରାଜପୁର ସମିତିସଭ୍ୟା ମହେଶ୍ୱତା ନାୟକ, କିଶୋର ଚନ୍ଦ୍ର ଜେନା, ସ୍ୱଚ୍ଛ ଭାରତ ମିଶନର ଆବହକ ପ୍ରଫୁଲ୍ଲ ଗିରି ଓ ଶିଶିର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ପୋଲିଓ ଟିକାକରଣ ପାଇଁ ପ୍ରଶିକ୍ଷଣ

**ରସୁଲପୁର,୯।୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଞ୍ଚଳରେ ପୋଲିଓ ଟିକାକରଣକୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ରୁ ୦-୫ବର୍ଷ ପିଲାଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୮୯ଟି ବୁଥ୍ ଗଠନ କରାଯାଇଛି। ୧୮ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯିବା ସହ ସ୍ୱାସ୍ଥ୍ୟକର୍ମୀଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ତାଲିମ ପ୍ରଦାନ କରାଯାଇଛି। ପୋଲିଓ ବୁନ୍ଦାକରଣ ଶତପ୍ରତିଶତ ହେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ପ୍ରଥମ ଦିନରେ ବୁଥ୍‌ରେ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ୧୮ ଓ ୧୯ରେ ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇବେ। ଯେଉଁ ଘରେ ପିଲାଙ୍କୁ ପୋଲିଓ ପ୍ରଦାନ କରାଯିବ ଉକ୍ତ ଘର କାନ୍ଥରେ ପି ଚିହ୍ନ ଓ ଯେଉଁ ଘର ସମ୍ପର୍କରେ ସ୍ୱାସ୍ଥ୍ୟକର୍ମୀଙ୍କୁ ପୋଲିଓ ପ୍ରଦାନକୁ ନେଇ କୌଣସି ସୂଚନା ମିଳିପାରିବ ନାହିଁ ସେଠାରେ ଏକ୍ସ ଚିହ୍ନ ଲଗାଯିବ। ଉକ୍ତ କାର୍ଯ୍ୟରେ ଏଏନ୍ଏମ୍, ଅଙ୍ଗନୱାଡି, ଆଶାକର୍ମୀ ଓ ଭଲ୍ୟୁଣ୍ଟରମାନେ ନିୟୋଜିତ ହେବେ ବୋଲି ବ୍ଲକ ପ୍ରୋଗ୍ରାମ ଅଧିକାରିଣୀ ଜ୍ୟୋତ୍ସ୍ନାମୟୀ ସାହୁ ପ୍ରକାଶ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ବିଶ୍ୱରଞ୍ଜନ କର, ବ୍ଲକ ଡାଟା ମାନେଜର ଲିଲିପ୍ସା ପୃଷ୍ଟି, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ହରପ୍ରିୟା ସେନାପତି ପ୍ରମୁଖ ଯୋଗଦେଇ ପୋଲିଓ ଟିକାକରଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମହିଳା, ପୁରୁଷ ସ୍ୱାସ୍ଥ୍ୟ ସୁପରଭାଇଜର ଓ କର୍ମୀ ଯୋଗ ଦେଇଥିଲେ।

# ବହୁ ପୁରୁଣା ନେତା, କର୍ମୀ ଏକାଠି ହେଲେ

**ଓଡ଼ଗାଁ,୯।୧(ସ୍ୱ.ପ୍ର.)**

**କଂଗ୍ରେସର ସାଙ୍ଗଠନିକ ବୈଠକ**




କଂଗ୍ରେସ ସାଙ୍ଗଠନିକ ବୈଠକରେ ଯୋଗଦେଇଥିବା ନେତା ଓ କର୍ମୀ।

କିଛି ଦିନ ବ୍ୟବଧାନରେ ପୁଣି ଥରେ ଜିଲା କଂଗ୍ରେସ ସକ୍ରିୟ ହୋଇଛି। ବିଭିନ୍ନ ଦୁର୍ନୀତି ପର୍ଦ୍ଦାଫାଶ କରିବାକୁ ଉଦ୍ୟମ କରିଥିବା କଂଗ୍ରେସ ଏହି ମାଧ୍ୟମରେ ଲୋକଙ୍କ ନିକଟତର ହେବାକୁ ଚେଷ୍ଟା ଚଳାଇଛି । ଶନିବାର ସ୍ଥାନୀୟ ଏନଏସି ଇନ୍‌ଡୋର ଷ୍ଟାଡିୟମ ପରିସରରେ ଦଳର ସାଙ୍ଗଠନିକ ବୈଠକ ଜିଲା ସଭାପତି ରଞ୍ଜିତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଯୋଗ ଦେଇଥିଲେ । ଏଥିରେ ବହୁ ପୁରୁଣା ନେତା ଓ କର୍ମୀ ଏକାଠି ହୋଇଥିବା ଦେଖିବାକୁ ମିଳିଥିଲା। ଏନଏସି ସମେତ ବ୍ଲକର ସମସ୍ତ ୩୫ ପଞ୍ଚାୟତରେ ସଭାପତି ଚୟନ ନିମନ୍ତେ ମତାମତ ଆହ୍ୱାନ କରାଯାଇଥିଲା । ସଭାପତି ଚୟନ ପରେ ଦଳକୁ ଅଧିକ କ୍ରିୟାଶୀଳ କରିବାକୁ ମୁଖପାତ୍ର ପ୍ରକାଶ କରିଥିଲେ। ବୈଠକରେ ହୁସେନ ଖାଁ, ନିରଞ୍ଜନ ତ୍ରିପାଠୀ, ସତ୍ୟବ୍ରତ ନାୟକ, ମନୋଜ ସାହୁ , ଯୁବ କଂଗ୍ରେସ ସଭାପତି ପ୍ରତୀକ ମହାପାତ୍ର, ଗିରିଜା ମହାନ୍ତି, ମଦନ ମୋହନ ବିଶୋୟୀ, ଦୁଃଶାସନ ମହାରଣା, ଜଗୁ ନାୟକ, ଆରତ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, କାଶୀନାଥ ଗଜେନ୍ଦ୍ର, ବାଇନାଥ ସାହୁ, ବିଜୟ ଡାକୁଆ ଓ ଲକ୍ଷ୍ମଣ ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥଲେ । ଚଳିତ ମାସ ଶେଷ ସୁଦ୍ଧା ଜିଲା କଂଗ୍ରେସ କମିଟିର ନୂତନ ରୂପରେଖ ପ୍ରକାଶ ପାଇବ ବୋଲି ଜିଲା ସଭାପତି ଦାଶ ସୂଚନା ଦେଇଥିଲେ।

# ଭାଟପଡା ସ୍ପର, ତଟବନ୍ଧ ସୁରକ୍ଷା କାମ ଶିଳାନ୍ୟାସ

**ରାଜନଗର,୯।୧(ଡି.ଏନ.ଏ.)**



ମନ୍ତ୍ରୀ ରଘୁନନ୍ଦନ ଦାସ ଶିଳାନ୍ୟାସ କରୁଛନ୍ତି।

ରାଜନଗର ବ୍ଲକ ହଂସୁଆ ନଦୀ ତଟବର୍ତ୍ତୀ ସାନବଡ ଗୋପାଳପୁର-କେରେଡାଗଡ ତଟବନ୍ଧର ସୁରକ୍ଷା ପାଇଁ ଭାଟପଡାଠାରେ ସ୍ପର ନିର୍ମାଣ କରାଯିବ। ଏଥିପାଇଁ ଜଳସମ୍ପଦ ବିଭାଗ ନାବାର୍ଡ ସହାୟତାରେ ୧୬ କୋଟି ୭୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଛି। ୧୩୦ ମିଟର ଲଂଚିଙ୍ଗ୍ ପ୍ୟାକିଂ ଓ ୩ଟି ବଡସ୍ପର ନିର୍ମାଣ କରାଯିବ ହେବ। ଶନିବାର ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଏହି କାମର ଶିଳନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ, ବ୍ଲକ ଅଧ୍ୟକ୍ଷ ଜୟୀରାମ ସେଠୀ, ତଟବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ସରୋଜକାନ୍ତ ମିଶ୍ର, ସହକାରୀ ନିର୍ବାହୀ ଅଧିକାରୀ ଅରଜିତ ସାହୁ, ଏସ୍‌ଡିଓ ଉମେଶ ଚନ୍ଦ୍ର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ କିଶୋର ରାଉତ, ଏମ୍‌ପିଙ୍କ ପ୍ରତିନିଧି ଅଶୋକ ପ୍ରତିହାରୀ ଓ ରବୀନ୍ଦ୍ର ନାଥ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

# ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ: ଓଡ଼ଗାଁ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଦଶପଲ୍ଲା,୯।୧(ଡି.ଏନ୍.ଏ.)**

ଏଠାରେ ଚାଲିଥିବା ମା'ଢୁମାଲୁଣୀ ବ୍ୟାଡ୍‌ମିଣ୍ଟନ୍ ଟୁର୍ନାମେଣ୍ଟରେ ଓଡ଼ଗାଁ ଟିମ୍ ଚାମ୍ପିୟନ ହୋଇଛି । ବାରପୁରିକିଆ ଟିମ୍‌କୁ ହରାଇ ଓଡ଼ଗାଁ ଟିମ୍ ୪ର୍ଥ ବର୍ଷର ଚମ୍ପିୟାନ ହେବାର ସୌଭାଗ୍ୟ ଅର୍ଜନ କରିଛି । ଉଦ୍‌ଯାପନୀ ଉତ୍ସବରେ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ଶିକ୍ଷାବିତ୍ ମାନସ କୁମାର ବେହେରା, ବିଜୟ କୁମାର ଘଡେଇ, ମନୋଜ କୁମାର ଓଝା,ଡା.ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ରେଫରୀ ଅଶୋକ ପ୍ରଧାନ, ରବିନ୍ଦ୍ର ନାଥ ନାୟକ ଖେଳ ପରିଚାଳନା କରିଥିଲେ । ଅନୁଷ୍ଠାନ ସଭାପତି ପ୍ରଭାତ କୁମାର ସାହୁ ସଭା ପରିଚାଳନା କରିଥିଲେ । ସମ୍ପାଦକ ମଳୟ କୁମାର ସାହୁ ସଂଯୋଜନା କରିଥିଲେ।

# ଅବ୍ୟବସ୍ଥାରେ ବରୀ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର

**ବରୀ,୯।୧(ଡି.ଏନ.ଏ.)**




ବରୀ ମୁଖ୍ୟ ପ୍ରାଣୀଧନ ଚିକିତ୍ସାଳୟ।

- ୨ ଚିକିତ୍ସକ ପଦବୀ ଖାଲି ଯୋଗୁ ସେବା ବାଧାପ୍ରାପ୍ତ
- ସରକାରୀ ଘର ଥାଇ ଭଡ଼ାରେ ଚାଲିଛି

ବରୀ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅବ୍ୟବସ୍ଥା ଘେରରେ ରହିଛି। ଫଳରେ ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏକବର୍ଷ ପୂର୍ବରୁ ଏହି ଚିକିତ୍ସା କେନ୍ଦ୍ର ପାଇଁ ଗୃହ ନିର୍ମାଣ ସରିଛି। ମାତ୍ର ଗୃହ ହସ୍ତାନ୍ତର ହୋଇ ନ ଥିବାରୁ ଚିକିତ୍ସାକେନ୍ଦ୍ର ଏବେ ଭଡ଼ାଗୃହରେ ଚାଲିଥିବା ଦେଖିବାକୁ ମିଳିଛି। ଚିକିତ୍ସାଳୟଟି ବରୀ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳ ବରୀ ମାଉଣ୍ଡର ରାସ୍ତା କଡ଼ରେ ଥିବାରୁ ପ୍ରାଣୀ ଚିକିତ୍ସା ସମୟରେ ବାରମ୍ବାର ଦୁର୍ଘଟଣା ଘଟୁଛି। ସେହିପରି ପ୍ରାଣୀ ଚିକିତ୍ସାଳୟ ମୁଖ୍ୟ ଚିକିତ୍ସକ, ଅତିରିକ୍ତ ମୁଖ୍ୟ ଚିକିତ୍ସକ ପଦବୀ ଦୀର୍ଘଦିନ ହେଲା ଖାଲି ରହିବା ଯୋଗୁ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଛି। ଏହି ମୁଖ୍ୟ ଚିକିତ୍ସା କେନ୍ଦ୍ର ଅଧୀନରେ ଥିବା ରତଳାଙ୍ଗ, ବୋଦୁଅ, ଖରିପଡିଆ, ପରମାନନ୍ଦପୁର, ଧାରପୁର ଆଦି ପ୍ରାଣୀଧନ ନିରୀକ୍ଷକ ଚିକିତ୍ସା କେନ୍ଦ୍ରଗୁଡିକ କେବଳ ସକାଳ ସମୟରେ ଖୋଲା ରହିବା ଯୋଗୁ ଲୋକେ ବରୀ ମୁଖ୍ୟ ଚିକିତ୍ସା କେନ୍ଦ୍ର ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ତେବେ ମୁଖ୍ୟ ଚିକିତ୍ସାଳୟରେ ଜଣେ ମାତ୍ର ଚିକିତ୍ସକ ଥିବାରୁ ଅନେକ ସମୟରେ ଲୋକେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ଫେରି ଯାଉଛନ୍ତି। ଅନୁରୂପଭାବେ ରତଳାଙ୍ଗ ଓ ଗୋଳକୁଣ୍ଡ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା ଅଧିକାରୀ ପଦବୀ ଖାଲି ପଡ଼ିଥିବାରୁ ସେହି ଅଞ୍ଚଳରେ ଲୋକେ ୧୫ରୁ ଊର୍ଦ୍ଧ୍ୱ କି.ମି. ଦୂର ଆସି ଗୃହପାଳିତ ପ୍ରାଣୀଙ୍କୁ ଚିକିତ୍ସା କରିବାକୁ ବାଧ ହେଉଛନ୍ତି। ଏ ସମ୍ପର୍କରେ ବରୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ଦାୟିତ୍ୱରେ ଥିବା ପ୍ରାଣୀ ଚିକିତ୍ସା ଅଧିକାରୀ ସମୀର କୁମାର ବେହେରା କହିଛନ୍ତି, ଗତ ମହାବନ୍ୟାର ପ୍ରଭାବ ଯୋଗୁ ଅଧିକ ସଂଖ୍ୟକ ଗୃହପାଳିତ ପ୍ରାଣୀ ରୋଗଗ୍ରସ୍ତ ହୋଇଛନ୍ତି। ତେବେ କର୍ମଚାରୀ ଅଭାବରୁ ସୁଚାରୁରୂପେ ଚିକିତ୍ସା ସେବା ଯୋଗାଇ ଦେବାରେ ବହୁ ଅସୁବିଧା ହେଉଛି। ଅନ୍ୟପକ୍ଷରେ ଘଟଣାକୁ ଗୁରୁତ୍ୱ ଦେଇ ଏହି ଚିକିତ୍ସା କେନ୍ଦ୍ରରେ ଖାଲି ପଡିଥିବା ପଦବୀ ପୂରଣ କରିବାକୁ ରାଧାଗୋବିନ୍ଦ ସେବା ସଂଘ ଅଧ୍ୟକ୍ଷ ବୃନ୍ଦାବନ ସାମଲ, ଉପଦେଷ୍ଟା ମଦନ ମୋହନ ପତି, ସମ୍ପାଦକ ସଞ୍ଜୟ କୁମାର ପାଢୀ, ତ୍ରିଲୋଚନ ପତି ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଛାତ୍ରୀଙ୍କ ମୋବାଇଲ ଝାମ୍ପି ନେଲେ

ରାଜନଗର,(ଡି.ଏନ.ଏ.): ରାଜନଗର ବଜାର ନୂତନ ପରିବା ମାର୍କେଟରେ ପରିବା କିଣୁଥିବା ବେଳେ ଜଣେ ଦୁର୍ବୃତ୍ତ ଛାତ୍ରୀଙ୍କଠାରୁ ମୋବାଇଲ ଝାମ୍ପି ନେଇ ଫେରାର ହୋଇଯାଇଛନ୍ତି। ଏ ସଂକ୍ରାନ୍ତରେ ରାଜନଗର ଥାନାରେ ଅଭିଯୋଗ ହୋଇଛି । ମହିଁଷାସୁର ଗ୍ରାମର ରାଜଶ୍ରୀ ତାତୁଡା ମାଆଙ୍କ ସହ ଶନିବାର ସନ୍ଧ୍ୟାରେ ପରିବା କିଣୁଥିବା ବେଳେ ଏହି ଲୁଟ୍ ଘଟଣା ଘଟିଥିଲା । ରାଜଶ୍ରୀ ଜରିମୂଳ ନଳିନୀକାନ୍ତ ମହାବିଦ୍ୟାଳୟ ଯୁକ୍ତ ୨ ଶେଷ ବର୍ଷର ଛାତ୍ରୀ।



## ସଂକ୍ଷେପରେ

### ନୂଆଗାଁ ବ୍ଲକ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

**ନୟାଗଡ଼ ଅଫିସ,୯।୧:** ଶନିବାର ନୂଆଗାଁ ବ୍ଲକର ଚାଷୀମାନେ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚାଷୀ ଏକ ଶୋଭାଯାତ୍ରାରେ ନୂଆଗାଁ ବଜାର ପରିକ୍ରମା କରିବା ପରେ ବ୍ଲକ୍ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସେଠାରେ କୃଷକ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧକ୍ଷତାରେ ଏକ ପ୍ରତିବାଦ ସଭା ହୋଇଥିଲା । ଏଥିରେ ଶରତ ଚନ୍ଦ୍ର ବେହେରା, ଅରୁଣ ସ୍ୱାଇଁ, ପବିତ୍ର ଇନ୍ଦ୍ରଜିତ୍, ଜୟନ୍ତୀ ଦାଶ, ଏସ୍.ଏ. କରିମ ପ୍ରମୁଖ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ପ୍ରତିବାଦ ସଭା ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

### ୨ ଚାଳକ ଗିରଫ, ଟ୍ରକ୍ ଜବତ

**ନୟାଗଡ଼ ଅଫିସ,୯।୧:** ନୂଆଗାଁ ଥାନା ପୋଲିସ ୨ ମଦ୍ୟପ ଟ୍ରକ ଡ୍ରାଇଭରଙ୍କୁ ଶନିବାର ଗିରଫ କରିବା ସହ ୨ ଟ୍ରକ୍ ଜବତ କରିଛି । ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ନିଶାସକ୍ତ ଅବସ୍ଥାରେ ସେମାନେ ଗାଡ଼ି ଚଳାଇଥିଲେ। ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଉଭୟଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆର ମଜିତ ଅଲ୍ଲୀ(୪୦) ଓ ବୋଲଗଡର ଭିରାନ ଛୋଟରାୟ(୨୩)। ଉଭୟଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ।

### ନିଖୋଜ ନାବାଳିକା କୋଲକାତାରୁ ମିଳିଲେ

**ଖଣ୍ଡପଡା,୯।୧(ସ୍ୱ.ପ୍ର):** ଖଣ୍ଡପଡା ଥାନା ଅଧୀନ କଣ୍ଟିଲୋ ଅଞ୍ଚଳରୁ ଜଣେ ନାବାଳିକା ଗତ ୪ଦିନ ତଳେ ନିଖୋଜ ହୋଇଯାଇଥିଲେ । ପରିବାର ଲୋକେ ଏ ନେଇ ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ କରିଥିଲେ । ଖଣ୍ଡପଡା ଥାନାରେ ଏକ ମାମଲା(ନଂ.୪/୨୦୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ନୟାଗଡ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ସମ୍ପୃକ୍ତ ନାବାଳିକାଙ୍କ ଫୋନ୍ ଟ୍ରାପ କରିଥିଲା । ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ ଏବଂ ୟୁ.ଖାନ କୋଲକାତା ଯାଇ ଶୁକ୍ରବାର ହାୱାଡାର ଏକ ଚାଇଲଡ କେୟାର ସେଣ୍ଟରରୁ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିଥିଲା । କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ସମ୍ପୃକ୍ତ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବ୍ୟବସାୟୀଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲିକୁଦା,୯।୧(ସ୍ୱ.ପ୍ର.):** ବାଲିକୁଦା ଥାନା ବୋରିକିନା ପଞ୍ଚାୟତ ଦରଡ଼ା ଗାଁର ଏକ ଭଡ଼ାଘରେ ରହୁଥିବା ମିଟୁଆ ସାହୁଙ୍କ ଶନିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ଘର ଢେଙ୍କାନାଳ ଜିଲା ଭୁବନ ଥାନା ଅଞ୍ଚଳରେ। ସେ ଦରଡ଼ା ଗାଁରେ ରହି ମୁଢ଼ି ବ୍ୟବସାୟ କରୁଥିଲେ। ଶୁକ୍ରବାର ରାତିରେ ହଠାତ୍ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ବାଲିକୁଦା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ମୃତକଙ୍କ ଭାଇ ସନାତନ ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ମିଟୁଆଙ୍କୁ ତାଙ୍କ ସ୍ତ୍ରୀ ହତ୍ୟା କରିଥିବା ସେ ଉଲ୍ଲେଖ କରିଛନ୍ତି। ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା (ନଂ.୨/୨୧) ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

### ସିଦ୍ଧସାଧକ ସନାତନ ବାବାଙ୍କ ପରଲୋକ

**ଡେରାବିଶ,୯।୧(ସ୍ୱ.ପ୍ର.):** ସିଦ୍ଧସାଧକ ସନାତନ ବାବାଙ୍କ ଶୁକ୍ରବାର ବିଳମ୍ବିତ ରାତିରେ କେନ୍ଦ୍ରପଡା ଜିଲା ଡେରାବିଶ ବ୍ଲକ ଅଧୀନ ନଣ୍ଡାପଡ଼ିଆ ମଠରେ ପରଲୋକ ହୋଇଯାଇଛି । ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା । ଏହି ଖବର ପ୍ରସାରିତ ହେବାପରେ ବହୁ ଶ୍ରଦ୍ଧାଳୁ ବାବାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶନିବାର ସକାଳୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ତାଙ୍କ ମୃତଦେହକୁ ରଘୁଦେଇପୁର ପଞ୍ଚାୟତ ନୋଳସାହି ରାଜନଗରରେ ଥିବା ମୁଖ୍ୟଆଶ୍ରମକୁ ନିଆଯାଇଥିଲା । ସେଠାରେ ବାବାଙ୍କ ଶେଷ ଦର୍ଶନ ପାଇଁ ପ୍ରବଳ ଜନସମାଗମ ହୋଇଥିଲା । ଅପରାହ୍ନରେ ନଣ୍ଡାପଡ଼ିଆ ମଠରେ ବାବାଙ୍କୁ ସମାଧିସ୍ଥ କରାଯାଇଥିଲା । ସନାତନ ବାବା କେବଳ ଏକ ଆଧାତ୍ମିକବାଦୀ ନ ଥିଲେ ଡେରାବିଶ ବ୍ଲକ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି । ଶେଷ ଜୀବନ ପର୍ଯ୍ୟନ୍ତ ସେ ମାନବୀୟ ଚିନ୍ତାଧାରାକୁ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ ଜାରି ରଖି ଥିଲେ ।

# ପାହାଡ଼ ଚଢ଼ିପାରୁନି ବିକାଶ

ଯାଜପୁର ଅଫିସ/କାଳିଆପାଣି (ଡି.ଏନ.ଏ.), ୯।୧



ମହୁକଣ୍ଟା ଗ୍ରାମକୁ ଯାଇଥିବା ରାସ୍ତା। ।



ମହୁକଣ୍ଟା ଗ୍ରାମ।

ଜଙ୍ଗଲ, ଜମି, ଜଳକୁ ନଷ୍ଟ କରି ଖଣି କମ୍ପାନୀମାନେ ଗତ ୭ ଦଶନ୍ଧି ହେଲା ବହୁ ହଜାର କୋଟି ଟଙ୍କା ଲାଭ କରି ଆସୁଛନ୍ତି। ହେଲେ ସେମାନଙ୍କ ସାମାଜିକ ଦାୟିତ୍ୱବୋଧ କ'ଣ ରହିଛି ତାହା କମ୍ପାନୀ କର୍ତ୍ତୃପକ୍ଷ ଭୁଲିଯାଉଥିବାରୁ ସରକାର ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠି ଗଠନ କରିଛନ୍ତି। ହେଲେ ଏହି ପାଣ୍ଠିର ବିନିଯୋଗ ମଧ୍ୟ ଠିକ୍ ଭାବେ ହେଉ ନାହିଁ। ଖଣି ଖାଦାନଭରା ସୁକିନ୍ଦା ବ୍ଲକ କଅଁସ ପଞ୍ଚାୟତର ମହୁକଣ୍ଟା ଗ୍ରାମ ତାହାକୁ ପ୍ରମାଣିତ କରୁଛି। ପାହାଡ଼ ଉପରେ ଥିବା ଏହି ଗାଁକୁ ଦେଖିଲେ ଆଦିମ ସମୟର ଚିତ୍ର ଆଙ୍କି ହୋଇଯାଉଛି। ଖଣି ଖାଦାନଭରା ଅଞ୍ଚଳର ବିକାଶ ପାଇଁ ଡିଏମ୍‌ଏଫ୍ ପାଣ୍ଠି ଭରି ରହିଥିଲେ ମଧ୍ୟ ରାସ୍ତା, ପାନୀୟ ଜଳ ଭଳି ମୌଳିକ ସୁବିଧାଠାରୁ ବହୁ ଦୂରରେ ରହିଛି ଏହି ଗାଁ। ଗ୍ରାମବାସୀଙ୍କ ଦୟନୀୟ ସ୍ଥିତିକୁ ଦେଖିଲେ ମନେହେଉଛି ବିକାଶ ଯେମିତି ପାହାଡ଼ ଚଢ଼ିପାରୁନି।

ମହୁକଣ୍ଟା ଗ୍ରାମବାସୀ ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଗ୍ରାମରେ ସ୍ୱଚ୍ଛ ପାନୀୟ ଜଳଯୋଗାଣ ହୋଇ ନ ଥିବାରୁ ପାହାଡ଼ ପାଣି ସେମାନଙ୍କୁ ବଞ୍ଚାଇ ରଖିଛି। ଗ୍ରାମାଞ୍ଚଳକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବାକୁ ସରକାର ଆର୍‌ଜିଜିଭିୱାଇ ୧୧ତମ ଯୋଜନା, ଆର୍‌ଜିଜିଭିୱାଇ ୧୨ତମ ଯୋଜନା, ଡିଡିୟୁଜିଜେୱାଇ, ସୌଭାଗ୍ୟ ଓ ବିଜିଜେୱାଇ ଭଳି ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ବିଡମ୍ବନା ଯେ, ଆଜି ବି ମହୁକଣ୍ଟାରେ ଡିବିରି ଆଲୁଅ ଏକ ମାତ୍ର ଭରସା । ଲୋକମାନେ ଏକ ପ୍ରକାର ଅଭିଶପ୍ତ ଜୀବନ ଜିଉଛନ୍ତି। କଅଁସ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୩ କି.ମି. ଦୂରରେ ଥିବା ଏହି ଗାଁକୁ ରାସ୍ତା ନାହିଁ। ଦିନେ ଏହା ମାଓବାଦୀମାନଙ୍କ ଗଡ଼ ଥିଲା। ୨୦୧୦ରେ ମହୁକଣ୍ଟା ଗାଁ ରାସ୍ତାର ଅପରପାର୍ଶ୍ୱ ଟିକରପଡ଼ାଠାରେ କୋମ୍ବିଂ ଅପରେଶନ କରାଯାଇ ୩ ମାଓବାଦୀଙ୍କୁ ମାରି ଦିଆଯାଇଥିଲା। ହେଲେ ଆଜି ବି ସରକାରୀ ଅଧିକାରୀମାନେ ଆସୁ ନଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଗ୍ରାମରେ ୧୭ ପରିବାର ବସବାସ କରୁଥିବାବେଳେ ମାତ୍ର ୪ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଛି। ବାକି ସମସ୍ତେ ଦଦରା ଭଙ୍ଗାଘରେ ରହୁଛନ୍ତି। କିଛି ଦିନ ପୂର୍ବରୁ ଗାଁରେ ଏକ ସୋଲାର ସିଷ୍ଟମ୍ ମାଧ୍ୟମରେ ପାଣିଟାଙ୍କି ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଥିବାବେଳେ ଏବେ ତାହା ଅଚଳ ହୋଇପଡିଛି। ଗାଁକୁ ରାସ୍ତା ନଥିବାରୁ ଅଦ୍ୟାବଧି ସମସ୍ତେ ଏକ ପ୍ରକାର ଅଶିକ୍ଷିତ ହୋଇ ରହିଛନ୍ତି। ଢେଙ୍କାନାଳ ଜିଲା ଡମଶାଳ ଆଶ୍ରମ ସ୍କୁଲରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିବା ଲୁକୁମା ମୁଣ୍ଡା କୁହନ୍ତି, ଥାଁଭାବରୁ ସେ ଉଚ୍ଚଶିକ୍ଷା ପାଇ ପାରିନାହାନ୍ତି। ୭ କି.ମି. ଦୂର କଅଁସ ପ୍ରାଇମେରି ସ୍କୁଲରେ ପାଠ ପଢିବାକୁ ଜଙ୍ଗଲ ମଧ୍ୟରେ ଯିବାକୁ ପଡ଼ିଥିବାରୁ ୯୯ ପ୍ରତିଶତ ସୁରକ୍ଷିତ ମଣୁନାହାନ୍ତି। ଆମ୍ବୁଲାନ୍ସ ସେବା କ'ଣ ଆଜିବି ସେମାନଙ୍କୁ ଅଜଣା ହୋଇ ରହିଛି। ଏନେଇ ସୁକିନ୍ଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ଦାସଙ୍କୁ ଏକାଧିକ ଥର ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

- ମହୁକଣ୍ଟା ଗ୍ରାମବାସୀଙ୍କ ପାଇଁ ବିଦ୍ୟୁତ୍ ଆଲୋକ ସାତସପନ
- ତିଆରି ହୋଇପାରିନି ରାସ୍ତା
- ଡିଏମ୍‌ଏଫ୍ ପାଣ୍ଠି ବିନିଯୋଗ ବହୁ ଦୂରରେ

# ଅନାସ୍ଥା ଭୋଟ୍ ପାଇଁ ଆସିଲେ ନାହିଁ

ରସୁଲପୁର,୯।୧(ଡି.ଏନ.ଏ.)

**ଲକ୍ଷ୍ମୀନଗର ପଞ୍ଚାୟତ ସରପଞ୍ଚଙ୍କ ଉପରୁ ସଙ୍କଟ ଟଳିଲା**

ରସୁଲପୁର ବ୍ଲକ ଅଧୀନ ଲକ୍ଷ୍ମୀନଗର ପଞ୍ଚାୟତରେ ଗତ ୬ ତାରିଖରେ ହେବାକୁ ଥିବା ଅନସ୍ଥା ଭୋଟ୍ ହୋଇ ପାରିଲାନି। କୋରେଇ ବିଧାୟକ ଅଶୋକ ବଳଙ୍କ ସଫଳ ଗୋଟି ଚାଳନା ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପଞ୍ଚାୟତ ନିର୍ବାଚନକୁ ଆଉ ମାତ୍ର ବର୍ଷଟିଏ ବାକିଥିବାରୁ ସରପଞ୍ଚ ବିରୋଧୀ ଆନସ୍ଥା ପ୍ରତି ସେତେଟା ଆଗ୍ରହ ପ୍ରକାଶ କଲେ ନାହିଁ। ଯେଉଁଥି ପାଇଁ ଅନାସ୍ଥା ଭୋଟ୍ ହେଲା ନାହିଁ ବୋଲି ଶୁଣିବାକୁ ମିଳୁଛି। ତେବେ ଯଦି ଅନାସ୍ଥା ଭୋଟ୍ ହୋଇଥାନ୍ତା ସରପଞ୍ଚ ଫଳାଫଳ ଘୋଷଣା ବିଳମ୍ବ କରିବାକୁ କୋର୍ଟରେ ଆବେଦନ କରି ରହିତା ଦେଶ ପାଇ ଯାଇଥିଲେ। ସରପଞ୍ଚଙ୍କ ପକ୍ଷରୁ ଆସିଥିବା କୋର୍ଟ ରହିତାଦେଶ ସମ୍ପର୍କରେ ବିରୋଧୀ ୱାର୍ଡ ସଭ୍ୟାସଭ୍ୟ ଅବଗତ ହେବା ପରେ ସ୍ଥିତି ବଦଳି ଯାଇଥିଲା। ମାମଲା କୋର୍ଟରେ ଫସି ରହିବା ସହ ଫଳାଫଳ ଘୋଷଣାକୁ ଅନ୍ୟୁନ ୬ ମାସ ବିତିଯିବ। ଏହାପରେ ପଞ୍ଚାୟତ ନିର୍ବାଚନକୁ ସ୍ୱଳ୍ପ ଅବଧି ବ୍ୟବଧାନ ରହିବ। ଉପନିର୍ବାଚନ ହେବା ସମ୍ଭବ ହେବ ନାହିଁ। ଅନାସ୍ଥା ଭୋଟ ଫଳପ୍ରଦ ହେବାର ସମ୍ଭାବନା କମିଯିବ। ଏହାଛଡ଼ା ଅସନ୍ତୁଷ୍ଟ ସଭ୍ୟାସଭ୍ୟଙ୍କୁ ବୁଝାଇବା ଦିଗରେ ବିଧାୟକ ବଳ ସଫଳ ହେବା ଯୋଗୁ ଏହାର ପ୍ରଭାବ ସିଧାସଳଖ ଅନାସ୍ଥା ଭୋଟ ଗ୍ରହଣ ଉପରେ ପଡିଥିଲା। ଫଳରେ ବୁଧବାର ଅନାସ୍ଥା ଭୋଟ ଗ୍ରହଣଦିନ ଅସନ୍ତୁଷ୍ଟ ସଭ୍ୟାସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ନ ଥିଲେ। ଭୋଟ ଗ୍ରହଣ କେନ୍ଦ୍ରରେ ନିର୍ବାଚନ ଅଧିକାରୀ ଥିବା ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଆନାସ୍ଥା ପ୍ରସ୍ତାବକୁ ଖାରଜ କରିଦେଇଥିଲେ।

ପ୍ରକାଶଯୋଗ୍ୟ, ୨ ନଭେମ୍ବର ୨୦୨୦ରେ ପଞ୍ଚାୟତର ୧୭ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୧୩ ସରପଞ୍ଚ ଗାୟତ୍ରୀ ସାହୁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ଓ ତାଙ୍କ ସ୍ୱାମୀଙ୍କ ବେଆଇନ କାର୍ଯ୍ୟକୁ ବିରୋଧ କରି ସଭ୍ୟାସଭ୍ୟ ଏଭଳି ପଦକ୍ଷେପ ନେଇଥିଲେ। ସେପଟେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଆବେଦନ କରିଥିବା ଦରଖାସ୍ତରେ ସଭ୍ୟାସଭ୍ୟଙ୍କ ଜାଲ ଦସ୍ତଖତ କରାଯାଇଛି ବୋଲି ସରପଞ୍ଚଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଏନେଇ ଜିଲା ପ୍ରଶାସନର ନିର୍ଦ୍ଦେଶ ବଳରେ ବ୍ଲକ ପ୍ରଶାସନ ପକ୍ଷରୁ ଡିସେମ୍ବର ୭ରେ ସଭ୍ୟାସଭ୍ୟଙ୍କ ଦସ୍ତଖତ ଯାଞ୍ଚ କରାଯାଇଥିଲା। ୧୩ ସଭ୍ୟାସଭ୍ୟଙ୍କ ମଧ୍ୟରୁ ୧୨ ବ୍ଲକରେ ବିଡିଓଙ୍କ ନିକଟରେ ଉପସ୍ଥିତ ଥିଲେ। ୭ନଂ ୱାର୍ଡ ସଭ୍ୟ ନକୁଳ ମହାରଣା ଅନୁପସ୍ଥିତ ଥିଲେ। ଏସବୁ ପ୍ରକ୍ରିୟା ଶେଷ ହେବା ପରେ ଅନାସ୍ଥା ଭୋଟ ଗ୍ରହଣ ହେବାକୁ ଦିନ ଧାର୍ଯ୍ୟ ହୋଇଥିଲା।

# ଋଣ କିସ୍ତି ମାଗିବାରୁ ଆକ୍ରମଣ

ନୟାଗଡ ଅଫିସ,୯।୧

**ଘରୋଇ ଫାଇନାନ୍ସ କମ୍ପାନୀ କର୍ମଚାରୀ ଗୁରୁତର**

ଏକ ଘରୋଇ ଫାଇନାନ୍ସ କମ୍ପାନୀର କର୍ମଚାରୀ ଶିବରାମ ବେହେରା(୨୫)ଙ୍କୁ ନୟାଗଡ ଜିଲା ଗୋଡିପଡା ଫାଣ୍ଡି ତୋଡିବାରୀ ଗାଁରେ ମିଳିତ ଭାବେ କାଠ ଫାଳିଆରେ ଆକ୍ରମଣ କରାଯାଇଛି। ଶିବରାମଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଗୋଡିପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ନୟାଗଡ ଶାଖା ପରିଚାଳକ ଜିତେନ୍ଦ୍ର ବେହେରାଙ୍କ ଅଭିଯୋଗ ପରେ ଗୋଡିପଡା ଫାଣ୍ଡି ପୋଲିସ ତଦନ୍ତ ଆରମ୍ଭ କରିଛି । ଋଣ କିସ୍ତି ଟଙ୍କା ମାଗିବାରୁ ଆକ୍ରମଣ ହୋଇଛି । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନାହିଁ। ଅଭିଯୋଗ ଅନୁସାରେ ଶିବରାମ ଋଣ କିସ୍ତି ଟଙ୍କା ଆଦାୟ କରିବାକୁ ଶନିବାର ପୂର୍ବାହ୍ନରେ ତୋଡିବାରି ଗାଁକୁ ଯାଇଥିଲେ। ସେଠାରେ କିସ୍ତି ଟଙ୍କା ଆଦାୟ ବେଳେ ଏକ ଦମ୍ପତି କାଠ ଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ଅନ୍ୟ ଜଣେ ସେମାନଙ୍କ ସହ ମିଶି ଆକ୍ରମଣ କରିଥିଲେ।

# ନାବାଳିକାଙ୍କ ଆତ୍ମହତ୍ୟା

ନୟାଗଡ଼ ଅଫିସ,୯।୧

ପାରିବାରିକ ବିବାଦକୁ କେନ୍ଦ୍ରକରି ନୟାଗଡ ଜିଲା ଇଟାମାଟି ଥାନା ଅଧୀନ ଜଗତିପାଟଣାର ପୂଜା ନାୟକ(୧୭) ଆତ୍ମହତ୍ୟା କରିଛନ୍ତି। ଖବର ପାଇ ଇଟାମାଟି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୂଜା ବିଷ ପିଇ ଗୁରୁବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି।

# ତୁରନ୍ତ ପୁନଃ ନିଯୁକ୍ତି ଦାବି କଲେ ପ୍ରଫୁଲ୍ଲ



ଆନ୍ଦୋଳନରତ ଛଟେଇ କର୍ମଚାରୀଙ୍କ ସହ ପ୍ରଫୁଲ୍ଲ ଘଡ଼ାଇ ଆଲୋଚନା କରୁଛନ୍ତି।

କାଳିଆପାଣି,୯।୧(ଡି.ଏନ.ଏ.)

**ବିଜିଆର ଛଟେଇ କର୍ମଚାରୀଙ୍କ ଧାରଣା ଜାରି**

ବିଜିଆର କମ୍ପାନୀରୁ ଛଟେଇ ହୋଇ ୧୨୬ କର୍ମଚାରୀ କର୍ମଚାରୀ ୧୧ ଦିନ ହେବ ଓଡ଼ିଶା ଖଣି ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଶନିବାର ପୂର୍ବତନ ଅର୍ଥମନ୍ତ୍ରୀ ତଥା ଶ୍ରମିକ ସଂଘ ଉପଦେଷ୍ଟା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ସେମାନଙ୍କ ନିକଟରେ ପହଞ୍ଚି ଧାରଣାରେ ସାମିଲ ହୋଇଛନ୍ତି। କରୋନା ମହାମାରୀ ସମୟରେ କର୍ମଚାରୀଙ୍କୁ ଛଟେଇ କରିବା ଏକ ଦୁଃଖଦାୟକ ଘଟଣା ଓ ବିଜିଆର କମ୍ପାନୀ ଶ୍ରମିକ ବିରୋଧୀ ବୋଲି ଘଡ଼ାଇ କହିବା ସହ କ୍ଷୋଭ ପ୍ରକାଶ କରିଥିଲେ। ପରେ ଓଡ଼ିଶା ଖଣି ନିଗମ ଆଞ୍ଚଳିକ ପରିଚାଳକ ପ୍ରଶନ୍ନ କୁମାର ସ୍ୱାଇଁ, ଡିଜିଏମ୍ କାଠି ପ୍ରଧାନ ପହଞ୍ଚି ଆଲୋଚନା ପାଇଁ ଘଡ଼ାଇଙ୍କୁ କାଳିଆପାଣିସ୍ଥିତ ନିଗମ କାର୍ଯ୍ୟାଳୟକୁ ଡାକିଥିଲେ। ପରେ କାର୍ଯ୍ୟାଳୟ କନଫରେନ୍ସ ଗୃହରେ ଘଡ଼ାଇ, ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ସହ ସମ୍ପାଦକ ଭରତ ମହାନ୍ତ, ଉପଦେଷ୍ଟା ଭଗବତୀ ମହାନ୍ତ, ବିଜିଆର କମ୍ପାନୀ ପରିଚାଳକ ୟାକୁବ ରେଡ୍ଡିଙ୍କ ସହ ଆନ୍ଦୋଳନରତ କର୍ମଚାରୀ ପ୍ରତିନିଧିମାନେ ବୈଠକରେ ଅଂଶଗ୍ରହଣ କରିଥିଲେ। ଛଟେଇ କର୍ମଚାରୀଙ୍କୁ ତୁରନ୍ତ ପୁନଃ ନିଯୁକ୍ତି, ବକେୟା ଥିବା ମାସିକ ଦରମା ଓ ଛୁଟି ଅର୍ଥ ପ୍ରଦାନ, ମେଡ଼ିକାଲ ଖର୍ଚ୍ଚ ବାବଦକୁ ମିଳୁଥିବା ଅର୍ଥପ୍ରଦାନ ନେଇ ଆଲୋଚନା ହୋଇଥିଲା। ବୈଠକରେ ଉପସ୍ଥିତ ବିଜିଆର ପ୍ରତିନିଧି ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ଜଣାଇବାକୁ ସହମତି ପ୍ରକାଶ କରିଥିଲେ। ତେବେ ତୁରନ୍ତ ଖଣି ନିଗମ ଓ ବିଜିଆର କମ୍ପାନୀ କର୍ମଚାରୀଙ୍କ ସମସ୍ୟା ସମାଧାନ ନ କଲେ ଧାରଣା ତୀବ୍ରତର ହେବ ବୋଲି ଘଡ଼ାଇ ଚେତାବନୀ ଦେଇଥିଲେ।

# କରୋନା ଟିକା ନେବେନି ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ



ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

କୁଜଙ୍ଗ/ତିର୍ତ୍ତୋଲ,୯।୧ (ଡି.ଏନ୍.ଏ.)

ରାଜ୍ୟରେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ପରିଦର୍ଶକମାନଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ସେମାନେ କରୋନା ଟିକାକରଣବେଳେ କଳାବ୍ୟାଜ୍ ପିନ୍ଧି ସହଯୋଗ କରିବେ। କିନ୍ତୁ ନିଜେ ଟିକା ନେବେନାହିଁ ବୋଲି ଚେତାବନୀ ଦେଇଛନ୍ତି। ରାଜ୍ୟ ମହାସଂଘ ଡାକରାରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଉଦ୍ଦେଶ୍ୟରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରସନ୍ନ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ପଦବୀ ପରିବର୍ତ୍ତନ ଓ କ୍ୟାଡର ପୁନର୍ଗଠନ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ସମୟରେ ବିରଜା ପ୍ରସାଦ ମହାନ୍ତି, ବ୍ରଜ କିଶୋର ମଲ୍ଲ, ସ୍ମୃତିରେଖା ବେହେରା, ସ୍ୱପ୍ନାରାଣୀ ରାଉତରାୟ ଓ ଶୈଳବାଳା ସୂତାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ସିଏଚ୍‌ସି ଅଧୀନରେ କାର୍ଯ୍ୟରତ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ପରିଦର୍ଶକମାନେ ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ସିଏଚ୍‌ସିର ଭାରପ୍ରାପ୍ତ ଅଧିକାରୀ ଶୁଭଜ୍ୟୋତି ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ମଣିଜଙ୍ଗା ସଂଘର ସଭାପତି ମନୋରଞ୍ଜନ ଦାସ, ଯତିନ୍ଦ୍ର ନାଥ ନାୟକ, ମଳୟ ତ୍ରିପାଠୀ, ବୀଣାପାଣି ଦାସ, ସୋନାଲି ସୁଚିସ୍ମିତା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଅବାଧରେ ଚାଲିଛି ଧଳା ଜହର କାରବାର

ଖଣ୍ଡପଡା,୯।୧(ସ୍ୱ.ପ୍ର)

**୧୦୧ ଗ୍ରାମ ବ୍ରାଉନସୁଗାର ଜବତ ଘଟଣା**

ଖଣ୍ଡପଡା ଥାନା ଅଞ୍ଚଳରେ ଅବାଧରେ ଗଞ୍ଜେଇ ଓ ଧଳା ଜହର କାରବାର ଚାଲିଛି। ଖଣ୍ଡପଡା ଓ ନୟାଗଡ ଜିଲା ଅବକାରୀ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷେ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଟିମ ଶୁକ୍ରବାର ଖଳିସାହି ଗ୍ରାମରେ ଚଢାଉ କରି ଲକି ସ୍ୱାଇଁ ନାମ୍ନୀ ଜଣେ ମହିଳାଙ୍କ ପାଖରୁ ୧୦୧ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ମହିଳାଙ୍କ ପଛରେ ଏକ ର୍ୟାକେଟ କାମ କରୁଥିବା ଚର୍ଚ୍ଚା ହେଉଛି। ଗିରଫ ମହିଳାଙ୍କ ସ୍ୱାମୀ ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଅରଖପଲ୍ଲୀ ଗ୍ରାମର ଶେଖ ନିଜାମ ଉଦ୍ଦିନ। ୨୦୦୦ରୁ ସେ ଖଳିସାହି ବଜାରରେ ଏକ ଚିକେନ୍ କାଉଣ୍ଟରରେ କାମ କରୁଥିଲେ। ପରବର୍ତ୍ତୀ ସମୟରେ ନିଶା କାରବାରରେ ସାମିଲ ହୋଇଥିବା ସୂଚନା ମିଳିଛି । ଉକ୍ତ ଯୁବକଙ୍କ ନାମରେ ବୋଲଗଡ, ଇଟାମାଟି, ଖଣ୍ଡପଡା, ଫତେଗଡ, ବେଗୁନିଆ ଥାନାରେ ମାମଲା ରହିଛି। ଅବକାରୀ ବିଭାଗର ଚଢାଉ ସମୟରେ ଶେଖ ନିଜାମ ଉଦ୍ଦିନ ଫେରାର ହୋଇଯାଇଛନ୍ତି ।

# ୬୦ ହଜାର ଟଙ୍କାର ଧାନ ପୋଡ଼ି ଗଲା

ପଟ୍ଟାମୁଣ୍ଡାଇ,୯।୧(ଡି.ଏନ୍.ଏ.)

ପଟ୍ଟାମୁଣ୍ଡାଇ ବ୍ଲକ ବଡମହନପୁର ପଞ୍ଚାୟତ ମଙ୍ଗଳପଡା ଗ୍ରାମର ବାବାଜୀ ଦାସଙ୍କ ଅଣ୍ଟାଭେଡିରେ ଥିବା ଧାନ ଗଦାରେ ଶନିବାର ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ଫଳରେ ୬୦ ହଜାର ଟଙ୍କାର ଧାନ ପାଉଁଶ ହୋଇଛି । ସେହି ଗ୍ରାମର ଅନ୍ୟ ଜଣେ ଚାଷୀ ଭେଡାଭିତରେ ଥିବା ଖଳାରୁ କୁଟା ଆଣୁଥିଲେ । ସେହି ଖଳାରେ ନିଆଁ ଲାଗି ଯାଇଥିଲା । ସେହି ନିଆଁ ଉଡିଆସି ବାବାଜୀଙ୍କ ଧାନଗଦାରେ ପଡିବାରୁ ଏହି ଦୁଃଖଦ ଘଟଣା ଘଟିଥିଲା । ଗ୍ରାମବାସୀ ନିଆଁକୁ ଆୟତ୍ତ କରିବା ଲାଗି ଉଦ୍ୟମ କରିଥିଲେ । ଖବର ପାଇ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହୀନି ଘଟଣା ସ୍ଥଳରେ ପହଁଞ୍ଚାଇବା ବେଳକୁ ୨ ଏକର ଜମିର ବଡ ଧାନଗଦାଟି ଜଳି ପାଉଁଶ ହୋଇଯାଇଥିଲା ।



ଜଳି ଯାଇଥିବା ଧାନଗଦା।

# ସକ୍ଷମ ଲୁଟୁଛନ୍ତି ଭିନ୍ନକ୍ଷମଙ୍କ ସୁବିଧା ସୁଯୋଗ

ନୟାଗଡ ଅଫିସ,୯।୧

- ଧରାଧରି କରି ହାତେଇଛନ୍ତି ପ୍ରମାଣପତ୍ର
- ଲବିରେ ବଢୁଛି ଭିନ୍ନକ୍ଷମଙ୍କ ପ୍ରତିଶତ

ଭିନ୍ନକ୍ଷମଙ୍କ ପାଇଁ ସରକାର ଅନେକ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ଏପରି କି ଚାକିରିରେ ବି ସଂରକ୍ଷଣ ରହିଛି। ଏଭଳିସ୍ଥଳେ କେତେଜଣ ସକ୍ଷମ ଧରାଧରି କରି ଭିନ୍ନକ୍ଷମ ପ୍ରମାଣପତ୍ର ହାତେଇ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗକୁ ଉପଭୋଗ କରି ଚାଲିଛନ୍ତି। ତେବେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ନ ଥିବାରୁ ସରକାରୀ ଚାକିରିରେ ମଧ୍ୟ ସେମାନେ ନିୟୋଜିତ ଅଛନ୍ତି। ଏହି ଆଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଇବାର ବ୍ୟବସ୍ଥା କରାଇବାକୁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ମଧ୍ୟ ସରକାରୀ ସ୍ତରରେ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ରହିଛି। ଅପରପକ୍ଷେ ଅନେକ ଭିନ୍ନକ୍ଷମ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ସେମାନେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବାରେ ବି ସକ୍ଷମ ହେଉନାହାନ୍ତି। ପ୍ରମାଣପତ୍ର ଥାଇ ବି ଅନେକ ଭତ୍ତା ଓ ଅନ୍ୟ ସୁବିଧା ପାଉନାହାନ୍ତି। ବିଭିନ୍ନ ସମୟରେ ଭୀମଭୋଇ ସାମର୍ଥ୍ୟ ଶିବିର, ପ୍ରତିମାସରେ ପରୀକ୍ଷଣ କରାଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଉଛି। ତଥାପି ଗହଳି ବଢୁଛି ।

ଅଭିଯୋଗ ଅନୁସାରେ, ଅଯୋଗ୍ୟ ହିତାଧିକାରୀଙ୍କ ଲବି ଆଗରେ ରହୁଛି। ସେମାନେ ପ୍ରତିଟି କାର୍ଯ୍ୟ ପାଇଁ ହାତଗୁଞ୍ଜା ଦେଇ ସଫଳତାର ପାହାଚ ଚଢିଚାଲିଛନ୍ତି। ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ହେଲେ ଜଣେ ଭିନ୍ନକ୍ଷମ ୭୦୦ ଟଙ୍କା ଭତ୍ତା ପାଇବେ। ପୁଣି ଉଚ୍ଚ ଶିକ୍ଷିତ ଯୁବକ ହୋଇଥିଲେ ସରକାରୀ ଚାକିରି ପାଇବା ସହଜ। ଏଣୁ ହାତଗୁଞ୍ଜା ଦେଇ ଅନେକ ସକ୍ଷମ ଲୋକ ଭିନ୍ନକ୍ଷମଙ୍କ ନାରେ ୭୦୦ ଟଙ୍କା ପାଉଛନ୍ତି। ସରକାରୀ ଚାକିରି ହାତେଇ ନେଇଛନ୍ତି। ପ୍ରକୃତ ହିତାଧିକାରୀ ସୁଫଳ ପାଉନାହାନ୍ତି। କାରଣ ସେମାନେ ବାବୁ ଭାୟାଙ୍କ ସହ ମିଶିବା ସମ୍ଭବ ନୁହେଁ। ଲାଞ୍ଚ ଦେବା ସେମାନଙ୍କ ପାଇଁ କାଠିକର ପାଠ। ସେମାନଙ୍କୁ ଯାହା ମିଳେ ସେଥିରେ ସେମାନେ ସନ୍ତୁଷ୍ଟ ହୋଇଯାନ୍ତି। ୭୦ ପ୍ରତିଶତ ଓ ତାହାଠାରୁ ଅଧିକ ପାଇବାକୁ ଯୋଗ୍ୟ ହେଲେ ବି ସେମାନେ କମ ପ୍ରତିଶତ ପାଇ ଭାଗ୍ୟକୁ ଆଦରି ପଡି ରହିଛନ୍ତି। ଗଣିଆ ଓ ଓଡ଼ଗାଁ ଦୁଇଜଣ ଭିନ୍ନକ୍ଷମ ମହିଳା କୁହନ୍ତି, ବହୁ କଷ୍ଟରେ ମୋତେ ୫୦୦ ଟଙ୍କା ଭତ୍ତା ମିଳିଛି। ଆମେ ୮୦ ଓ ୮୫ ପ୍ରତିଶତରୁ ଊର୍ଦ୍ଧ୍ୱ ଅକ୍ଷମ ହୋଇଥିଲେ ବି ୫୦ ପ୍ରତିଶତ ପ୍ରମାଣପତ୍ର ମିଳିଛି। ଆମକୁ ଅଣଦେଖା କରାଯାଇଛି ବୋଲି ଅଭିଯୋଗ କଲେ ବର୍ତ୍ତମାନ ଯାହା ପାଉଛି ତାହା ଚାଲିଯିବ। ଯେଉଁମାନେ ସକ୍ଷମ ହୋଇ ଅକ୍ଷମ ଭତ୍ତା ପାଉଛନ୍ତି ସେମାନେ ଆଗଧାଡିର ଲୋକ। ଏଣୁ ଅଭିଯୋଗ କରିବା ଆମ ପାଇଁ ଭୁଲ। ସରକାର ଏହାର ତଦନ୍ତ କରି ପଦକ୍ଷେପ ନେବା ଦରକାର। ଜିଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କୁ ପଚାରିବାରେ, ଭିନ୍ନକ୍ଷମଙ୍କ ପାଇଁ ଅନେକ ଆଇନ ରହିଛି। ହେଲେ ସେମାନେ ଅଜଣା। ପୁଣି କ'ଣ ସୁବିଧା ସୁଯୋଗ ରହିଛି ତାହା ପୁଣି ସେମାନେ ଜାଣନ୍ତି ନାହିଁ। ଏପରିକି ଯେଉଁଠି ସେମାନେ ନିଜ କଥା ବୁଝିପାରନ୍ତି ନାହିଁ। ଆଇନ ସମ୍ପର୍କରେ କ'ଣ ଜାଣିବେ ବୋଲି କୁହାଯାଉଛି। କାରଣ ସେମାନେ ଅନ୍ୟ ଉପରେ ନିର୍ଭରଶୀଳ ବୋଲି ସେ କହିଛନ୍ତି।

